ଶ୍ରୀ ବାଲାସାହେବ୍ କେ. ଠାକରେ ଏବଂ ଅନ୍ୟଜଣେ

ବନାମ

ଶ୍ରୀ ଭେଙ୍କଟ @ବାବୁ ଏବଂ ଅନ୍ୟଜଣେ

ଜୁଲାଇ 5,2006

*ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973 - ଧାରା 302 - ବ୍ୟକ୍ତିଗତ ଅଭିଯୋଗ - ମାମଲା ବିଚାରଧୀନ ଥିବା ସମୟରେ ଅଭିଯୋଗକାରୀଙ୍କ ମୃତ୍ୟୁ - ଅଭିଯୋଜନ ଉପରେ ପ୍ରଭାବ - ଆଇନଗତ ଉତ୍ତରାଧିକାରୀମାନଙ୍କ ଦ୍ୱାରା ଅଭିଯୋଜନ ଜାରି ରଖିବା ପାଇଁ ଅନୁମତି - ରାୟ ଦିଆଗଲା ଯେ : ମାମଲାରେ ବିଚାର କରୁଥିବା ଅଦାଲତରୁ ଅନୁମତି ପାଇବା ପରେ ଅଭିଯୋଗକାରୀଙ୍କ ଉତ୍ତରାଧିକାରୀମାନେ ମକଦ୍ଦମା ଜାରି ରଖିପାରିବେ।*

**ଉତ୍ତରଦାତା - ଅଭିଯୋଗକାରୀ, ଅଭିଯୁକ୍ତ ଏବଂ ଅନ୍ୟମାନଙ୍କ ବିରୋଧରେ ଏକ ବ୍ୟକ୍ତିଗତ ଅଭିଯୋଗ ଦାଖଲ କରିଥିଲେ । ବିଚାର କରୁଥିବା ନ୍ୟାୟାଳୟ ପ୍ରକ୍ରିୟା ଜାରି କଲେ । ଆବେଦନକାରୀ ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା 482 ଅନୁଯାୟୀ ଆବେଦନ ଦାଖଲ କରିଥିଲେ, ଯାହାକୁ ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଲେ । ଏହି ନ୍ୟାୟାଳୟରେ ଆବେଦନ ବିଚାରଧୀନ ଥିବା ସମୟରେ, ଅଭିଯୋଗକାରୀଙ୍କ ମୃତ୍ୟୁ ବରଣ କଲେ । ଆବେଦନକାରୀମାନେ ଯୁକ୍ତି ବାଢ଼ିଥିଲେ ଯେ ଅଭିଯୋଗକାରୀଙ୍କ ମୃତ୍ୟୁ ଆଧାରରେ ଅଭିଯୋଗ ଖାରଜ ହେବା ଉଚିତ୍ । ଅଭିଯୋଗକାରୀଙ୍କ ଆଇନଗତ ଉତ୍ତରାଧିକାରୀମାନେ ଯୁକ୍ତି ବାଢ଼ିଥିଲେ ଯେ ସେମାନେ ମକଦ୍ଦମା ଚଳାଇବା ନିମିତ୍ତ ଅନୁମତି ପାଇଁ ଏକ ଆବେଦନ ଦାଖଲ କରିଥିଲେ ଏବଂ ତେଣୁ ଅଭିଯୋଗ ଟି ଏପର୍ଯ୍ୟନ୍ତ ଜାରି ରହିଛି ।**

**ଆଇନଗତ ଉତ୍ତରାଧିକାରୀମାନଙ୍କୁ ମକଦ୍ଦମା ଚଳାଇବା ପାଇଁ ଅନୁମତି ନିମିତ୍ତ ଆବେଦନ ଦାଖଲ କରିବାକୁ ଅନୁମତି ଦେଇ , ନ୍ୟାୟାଳୟ**

**ରାୟ ଦେଲେ ଯେ : 1.ଅଭିଯୋଗକାରୀଙ୍କ ଉତ୍ତରାଧିକାରୀମାନଙ୍କୁ ମକଦ୍ଦମା ଜାରି ରଖିବା ପାଇଁ ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା 302 ଅନୁଯାୟୀ ଏକ ଆବେଦନ ଦାଖଲ କରିବାକୁ ଅନୁମତି ଦିଆଯାଇପାରିବ । ଧାରା 302 କୁ ଲାଗୁ କରିବା ପାଇଁ, ମାମଲାର ତଦନ୍ତ କିମ୍ବା ବିଚାର କରୁଥିବା ଦଣ୍ଡାଧିକାରୀଙ୍କଠାରୁ ମକଦ୍ଦମା ଚଳାଇବା ନିମିତ୍ତ ଅନୁମତି ନେବାକୁ ପଡ଼ିବ । ମହାଧିବକ୍ତା**

**କିମ୍ବା ସରକାରୀ ଅଧିବକ୍ତା କିମ୍ବା ସର୍ବସାଧାରଣ ଅଭିଯୋଜକ କିମ୍ବା ସହକାରୀ ସର୍ବସାଧାରଣ ଅଭିଯୋଜକ ଯେଉଁମାନେ କି ଏପରି ଅନୁମତି ନନେଇ ମକଦ୍ଦମାକୁ ପରିଚାଳନା କରିପାରିବେ , କିନ୍ତୁ ଏମାନଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ଯଦି ମକଦ୍ଦମାକୁ ପରିଚାଳନା କରିବାକୁ ଚାହାନ୍ତି ତେବେ ତାଙ୍କୁ ଦଣ୍ଡାଧିକାରୀଙ୍କ ଅନୁମତି ନେବାକୁ ପଡିବ । ତେଣୁ ଯଦି ମୃତ ଅଭିଯୋଗକାରୀଙ୍କ ଆଇନଗତ ଉତ୍ତରାଧିକାରୀଙ୍କ ଦ୍ୱାରା ମକଦ୍ଦମା ଜାରି ରଖିବା ପାଇଁ କୌଣସି ଅନୁମତି ଲୋଡ଼ା ଯାଇଥାଏ, ତେବେ ମାମଲା କୁ ପରିଚାଳନା କରୁଥିବା ନ୍ୟାୟାଳୟଙ୍କର  ଦ୍ୱାରା ଏହାକୁ ଏହାର ଦୃଷ୍ଟିକୋଣରେ ବିଚାର କରାଯିବ।**

2.ଯେହେତୁ ଦଣ୍ଡାଧିକାରୀଙ୍କ ସମ୍ମୁଖରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନଗୁଡିକୁ ସ୍ଥଗିତ ରଖାଯାଇଛି, ତେବେ ଯଦି ଯେତେବେଳେ ଏହି ନ୍ୟାୟାଳୟରେ  କୌଣସି ଆବେଦନ ଦାଖଲ କରାଯାଏ, ସେତେବେଳେ ଏହାକୁ ଉପଯୁକ୍ତ ଭାବରେ ପରିଚାଳନା କରାଯିବ।

ଫୌଜଦାରୀ  ଆବେଦନ ଅଧିକରିତା :  ଫୌଜଦାରୀ ଆବେଦନ ସଂଖ୍ୟା 236/2005।

ଫୌଜଦାରୀ ଆବେଦନ ସଂଖ୍ୟା 442/1995 ମ୍ରେ ଉଚ୍ଚ ନ୍ୟାୟାଳୟଙ୍କର ତାରିଖ 2.7.2003 ର ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ।

ଆବେଦନକାରୀମାନଙ୍କ ପାଇଁ ଜୟଦୀପ ଗୁପ୍ତା ଏବଂ ଶିବାଜୀ ଏମ୍. ଯାଦବ।

ଉତ୍ତରଦାତାମାନଙ୍କ ପାଇଁ କୈଳାଶ ଚାନ୍ଦ, ମୁକେଶ କେ. ଗିରି, ଏସ୍. ଏସ୍. ସିନ୍ଦେ ଏବଂ ରବୀନ୍ଦ୍ର କେଶବରାଓ ଆଦସୁର୍।

**ନ୍ୟାୟମୂର୍ତ୍ତି ଅରିଜିତ ପଶାୟତଙ୍କ**  ଦ୍ୱାରା ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା ।

ଅଭିଯୋଗକାରୀଙ୍କ ମୃତ୍ୟୁର ପ୍ରଭାବ କ 'ଣ, ତାହା ଏହି ମାମଲାରେ ବିଚାର ପାଇଁ ଏକ କୌତୁହଳ ପ୍ରଶ୍ନ ସୃଷ୍ଟି କରିଛି । ଯେତେବେଳେ ଏହି  ମାମଲା ଶୁଣାଣି ପାଇଁ ତାଲିକାଭୁକ୍ତ ହୋଇଥିଲା, ଆବେଦନକାରୀଙ୍କ ବିଦ୍ୱାନ ପରାମର୍ଶଦାତା ଉପସ୍ଥାପନା କରିଥିଲେ ଯେ ଉତ୍ତରଦାତା  ସଂଖ୍ୟା 1 ଯିଏକି ଏଠାରେ ଅଭୋଯୋଗକାରୀ , ସେ ମୃତ୍ୟୁ ବରଣ କଲେ , ସେଥିପାଇଁ  ଉକ୍ତ ଅଭିଯୋଗକାରୀଙ୍କ ଆଧାରରେ ଆରମ୍ଭ ହୋଇଥିବା କାର୍ଯ୍ୟାନୁଷ୍ଠାନ ତିଷ୍ଠି ନାହିଁ। ଅଭିଯୋଗକାରୀଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କ ପାଇଁ ବିଦ୍ୱାନ ପରାମର୍ଶଦାତା ଉପସ୍ଥାପନା କରିଥିଲେ ଯେ

ସେମାନେ କାର୍ଯ୍ୟାନୁଷ୍ଠାନ ଜାରି ରଖିବାକୁ ଏବଂ ଏହାର ଏକ ଉପଯୁକ୍ତ ଆବେଦନ ଦାଖଲ କରିବାକୁ ପ୍ରସ୍ତାବ ଦେଇଛନ୍ତି ।

ଏଠାରେ ବାସ୍ତବ ଦିଗଗୁଡ଼ିକ ଉପରେ ଏକ ସଂକ୍ଷିପ୍ତ ବିବରଣୀ ଯଥେଷ୍ଟ ହେବ :

ଶ୍ରୀ ଭେଙ୍କଟ @ ବାବୁ (ଏହା ପରେ 'ଅଭିଯୋଗକାରୀ' ଭାବରେ ସୂଚିତ), ଆବେଦନକାରୀ ଏବଂ ଅନ୍ୟ ଚାରି ଜଣଙ୍କ ବିରୋଧରେ ତାରିଖ 7.9. 1994 ରେ ସଂଖ୍ୟା R.Crl.C 107/1994 ସହିତ ଜିଲ୍ଲା ପରଭାନି ର ସାଇଲୁ ସ୍ଥିତ ପ୍ରଥମ ଶ୍ରେଣୀ ନ୍ୟାୟିକ ଦଣ୍ଡାଧିକାରୀଙ୍କ ଅଦାଲତରେ ଭାରତୀୟ ଦଣ୍ଡ ସଂହିତା ( ସଂକ୍ଷେପରେ ଆଇ . ପି . ସି ) ର ଧାରା 34 ସହ ଧାରା 500 ଅନୁଯାୟୀ ଅପରାଧ ଘଟାଯାଇଥିବା ଅଭିଯୋଗ କରି ଏକ ବ୍ୟକ୍ତିଗତ ଅଭିଯୋଗ ଦାଖଲ କଲେ । ପରବର୍ତ୍ତୀ ସମୟରେ, ତିନିଜଣ ସାମ୍ବାଦିକଙ୍କ ବିରୋଧରେ ଅଭିଯୋଗ ପ୍ରତ୍ୟାହାର କରାଯାଇଥିଲା ଏବଂ ଆବେଦନକାରୀ ଅର୍ଥାତ୍ "ଦୈନିକ ସାମନା" ଖବରକାଗଜର ସମ୍ପାଦକ, ମୁଦ୍ରାକର ଏବଂ ପ୍ରକାଶକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜାରି ରହିଛି । ଅଭିଯୋଗରେ ଆରୋପ କରାଯାଇଥିଲା ଯେ ଅଭିଯୁକ୍ତ ବ୍ୟକ୍ତିମାନେ ସେମାନଙ୍କର ସାଧାରଣ ଉଦ୍ଦେଶ୍ୟକୁ ଆଗକୁ ବଢାଇବା ପାଇଁ ଔରଙ୍ଗାବାଦରୁ ବିଭିନ୍ନ ତାରିଖରେ ପ୍ରକାଶିତ ଖବରକାଗଜରେ ଅଭିଯୋଗକାରୀଙ୍କ ସମ୍ପର୍କରେ ଖବର ପ୍ରକାଶ କରିଥିଲେ । ଅଭିଯୋଗରେ ଆରୋପ କରାଯାଇଥିଲା ଯେ ଉକ୍ତ ଖବର କାରଣରୁ ଅଭିଯୋଗକାରୀଙ୍କ ଖ୍ୟାତିକୁ କଳଙ୍କିତ କରାଯାଇଥିଲା ଏବଂ ତାଙ୍କୁ ବଦନାମ କରାଯାଇଥିଲା । ତର୍କ ଗୁଡିକୁ ଶୁଣିବ ପରେ ବିଦ୍ୱାନ ଦଣ୍ଡାଧିକାରୀ ତାରିଖ 15.9.1994 ର ଏକ ଆଦେଶ ଦ୍ୱାରା ପ୍ରକ୍ରିୟା ଜାରି କଲେ । ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973 (ସଂକ୍ଷେପରେ 'ସଂହିତା') ର ଧାରା 482 ଅନୁଯାୟୀ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କର ଔରଙ୍ଗାବାଦ ଖଣ୍ଡପୀଠ ଙ୍କ ସମ୍ମୁଖରେ ଏକ ଆବେଦନ ଦାଖଲ କରାଯାଇଥିଲା, ଯାହାକୁ ଆବେଦନରେ ଆକ୍ଷେପିତ ରାୟ ଦ୍ୱାରା ଖାରଜ କରାଯାଇଥିଲା । ଆବେଦନକାରୀମାନେ ସ୍ୱତନ୍ତ୍ର ଅନୁମତି ଆବେଦନ (ଏସ୍. ଏଲ୍. ପି.(ଫୌଜଦାରୀ ) ସଂଖ୍ୟା 4367/2003) ଦାଖଲ କଲେ । ବିଜ୍ଞପ୍ତି ଜାରି ପରେ, 3.2.2005 ରେ ଆବେଦନ ଗ୍ରହଣ କରାଗଲା ।ଯେତେବେଳେ ଏହି ମାମଲାକୁ 31.5.2006 ରେ ଶୁଣାଣି ପାଇଁ ନିଆଯାଇଥିଲା, ସେତେବେଳେ ଦର୍ଶାଯାଇଥିଲା ଯେ ଉତ୍ତରଦାତା ସଂଖ୍ୟା 1-ଅଭିଯୋଗକାରୀ 3.8.2005 ରେ ମୃତ୍ୟୁବରଣ କଲେ ।

ସଂହିତାର ଧାରା 256ରେ ସନ୍ଦର୍ଭରେ ଆବେଦନକାରୀଙ୍କ ପାଇଁ ବିଦ୍ୱାନ ପରାମର୍ଶ ଦାତା ଉପସ୍ଥାପନା କରିଥିଲେ ଯେ ଅଭିଯୋଗକାରୀଙ୍କ ମୃତ୍ୟୁ ଆଧାରରେ ଅଭିଯୋଗକୁ ଖାରଜ କରାଯିବ । ଉପରେ ଉଲ୍ଲେଖ କରାଯାଇଥିବା ପରି ଉତ୍ତରଦାତା ସଂଖ୍ୟା 1 ଙ୍କ ର ଆଇନଗତ

ଉତ୍ତରାଧିକାରୀମାନଙ୍କ ତରଫରୁ  ବିଦ୍ୱାନ ପରାମର୍ଶଦାତା ଉପସ୍ଥାପନା କରିଥିଲେ ଯେ ଅଭିଯୋଗକାରୀଙ୍କ ଆଇନଗତ ଉତ୍ତରାଧିକାରୀମାନେ ମକଦ୍ଦମା ଚଳାଇବା ପାଇଁ ଅନୁମତି ପାଇଁ ଏକ ଆବେଦନ ଦାଖଲ କରିଥିଲେ  ଏବଂ ତେଣୁ, ଅଭିଯୋଗଟି  ତଥାପି ବିଚାର ନିମିତ୍ତ ଏ ପର୍ଯ୍ୟନ୍ତ ଜାରି ରହିଛି ।

ଏହି ସମୟରେ ପ୍ରଯୁଜ୍ୟ ନୀତି ଉପରେ ଏହି ନ୍ୟାୟାଳୟ  ପୂର୍ବରୁ ଯାହା କହିଛନ୍ତି ଏଠାରେ ତାହାର ଟିପ୍ପଣୀ ଦେବା ପ୍ରାସଙ୍ଗିକ ଅଟେ । ଅଶ୍ୱିନ୍ ନାନୁଭାଇ ବ୍ୟାସ୍ ବନାମ ମହାରାଷ୍ଟ୍ର ରାଜ୍ୟ ଏବଂ ଅନ୍ୟଜଣେ  AIR (1967) SC 983 ମାମଲାରେ  ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1898 ର ଧାରା 495 (ଏହା ପରେ 'ପୁରୁଣା ସଂହିତା' ଭାବରେ ସୂଚିତ) ସମ୍ବନ୍ଧରେ ଏହା କୁହାଯାଇଥିଲା ଯେ ଦଣ୍ଡାଧିକାରୀଙ୍କ ପାଖରେ ଜଣେ ସମ୍ପର୍କୀୟଙ୍କୁ ଅଭିଯୋଗକାରୀ ଭାବରେ ମକଦ୍ଦମାକୁ ଜାରି ରଖିବାକୁ ଅନୁମତି ଦେବାର କ୍ଷମତା ଥିଲା । ଅଶ୍ୱିନଙ୍କ ମାମଲା (ଉପରୋକ୍ତ) କୁ ଉଲ୍ଲେଖ କରିବା ପରେ  Lrs., [2004] 12 SCC 509 ଦ୍ୱାରା ସୂଚିତ ଜିମ୍ମି ଜାହାଙ୍ଗୀର ମଦନ ବନାମ ବଲ୍ଲି  କାରିଅପ୍ପା ହିନ୍ଦଲେ (ମୃତ), ମାମଲାରେ ଏହା ରାୟ ଦିଆଗଲା ଯେ ଅଭିଯୋଗକାରୀଙ୍କ ଉତ୍ତରାଧିକାରୀମାନଙ୍କୁ ମକଦ୍ଦମା ଜାରି ରଖିବା ପାଇଁ  ସଂହିତାର ଧାରା 302 ଅନୁଯାୟୀ ଏକ ଆବେଦନ ଦାଖଲ କରିବାକୁ ଅନୁମତି ଦିଆଯାଇପାରି ବ।

ସଂହିତାର ଧାରା 303 ନିମ୍ନରେ ଦିଆଗଲା : -

"302.ମକଦ୍ଦମା ଚଳାଇବା ପାଇଁ ଅନୁମତି - (1) ମହାଧିବକ୍ତା କିମ୍ବା ସରକାରୀ ଅଧିବକ୍ତା କିମ୍ବା ସର୍ବସାଧାରଣ ଅଭିଯୋଜକ କିମ୍ବା ସହକାରୀ ସର୍ବସାଧାରଣ ଅଭିଯୋଜକ ଯେଉଁମାନେ କି ଏପରି ଅନୁମତି ନନେଇ ମକଦ୍ଦମାର ପରିଚାଳନା କରିପାରିବେ , କିନ୍ତୁ ଏମାନଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ଯିଏକି ଆରକ୍ଷୀ ନିରୀକ୍ଷକଙ୍କ ନିମ୍ନରେ ଜଣେ ଆରକ୍ଷୀ ଅଧିକାରୀ ହୋଇଥିବେ ତେବେ ତାଙ୍କୁ  ମକଦ୍ଦମାକୁ ପରିଚାଳନା କରିବାକୁ ହେଲେ, ତାଙ୍କୁ ମାମଲାକୁ ତଦନ୍ତ କିମ୍ବା ବିଚରା କରୁଥିବା ଦଣ୍ଡାଧିକାରୀଙ୍କ ଅନୁମତି ନେବାକୁ ପଡିବ ।

ଉଲ୍ଲେଖଥାଉକି, କୌଣସି ଆରକ୍ଷୀ ଅଧିକାରୀଙ୍କୁ ମକଦ୍ଦମା ପରିଚାଳନା କରିବା ପାଇଁ ଅନୁମତି ଦିଆଯିବ ନାହିଁ, ଯଦି ସେ ସେହି ଅପରାଧର ତଦନ୍ତରେ ଅଂଶଗ୍ରହଣ କରିଛନ୍ତି, ଯାହା ସମ୍ବନ୍ଧରେ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରାଯାଉଛି ।

( 2) ଅଭିଯୋଗ ପରିଚାଳନା କରୁଥିବା ଯେକୌଣସି ବ୍ୟକ୍ତି, ବ୍ୟକ୍ତିଗତ ଭାବରେ କିମ୍ବା ଜଣେ ଓକିଲଙ୍କ ଦ୍ଵାରା ଏହା କରିପାରିବେ ।

ସଂହିତାର ଧାରା 302 କୁ ଲାଗୁ କରିବା ପାଇଁ, ମକଦ୍ଦମାର ତଦନ୍ତ କିମ୍ବା ବିଚାର କରୁଥିବା ଦଣ୍ଡାଧିକାରୀଠାରୁ ମକଦ୍ଦମା ଚଳାଇବା ପାଇଁ ଅନୁମତି ନେବାକୁ ପଡିବ । ମହାଧିବକ୍ତା କିମ୍ବା ସରକାରୀ ଅଧିବକ୍ତା କିମ୍ବା ସର୍ବସାଧାରଣ ଅଭିଯୋଜକ କିମ୍ବା ସହକାରୀ ସର୍ବସାଧାରଣ ଅଭିଯୋଜକ ଯେଉଁମାନେ କି ଏପରି ଅନୁମତି ନନେଇ ମକଦ୍ଦମାର ପରିଚାଳନା କରିପାରିବେ , କିନ୍ତୁ ଏମାନଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ଯିଏକି ଆରକ୍ଷୀ ନିରୀକ୍ଷକଙ୍କ ନିମ୍ନରେ ଜଣେ ଆରକ୍ଷୀ ଅଧିକାରୀ ହୋଇଥିବେ ତେବେ ତାଙ୍କୁ ମକଦ୍ଦମାକୁ ପରିଚାଳନା କରିବାକୁ ହେଲେ, ତାଙ୍କୁ ମାମଲାକୁ ତଦନ୍ତ କିମ୍ବା ବିଚାର କରୁଥିବା ଦଣ୍ଡାଧିକାରୀଙ୍କ ଅନୁମତି ନେବାକୁ ପଡିବ ।

ଉପରୋକ୍ତ ସ୍ଥିତିରେ, ଯଦି ମୃତ ଅଭିଯୋଗକାରୀଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କ ଦ୍ଵାରା ମକଦ୍ଦମା ଜାରି ରଖିବା ପାଇଁ କୌଣସି ଅନୁମତି ଲୋଡ଼ାଯାଏ, ତେବେ ମାମଲାକୁ ଅନୁସନ୍ଧାନ କରୁଥିବା କିମ୍ବା ବିଚାର କରୁଥିବା ଅଦାଲତଙ୍କ ଦ୍ଵାରା ଏହାକୁ ଏହାର ଦୃଷ୍ଟିକୋଣରେ ବିଚାର କରାଯିବ । ଏହା ଦୃଷ୍ଟିକୁ ଅଣାଯାଇଛି ଯେ ତାରିଖ 13.10.2003ର ଆଦେଶ ଦ୍ଵାରା ଦଣ୍ଡାଧିକାରୀଙ୍କ ସମ୍ମୁଖରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନଗୁଡିକୁ ସ୍ଥଗିତ ରଖାଯାଇଛି । ସେହି ପୃଷ୍ଠଭୂମିରେ, ଶ୍ରୀଯୁକ୍ତ ଆଦସୁର୍ ଦାଖଲ କରିଥିଲେ ଯେ ଏହି ଆବେଦନ ଏହି ନ୍ୟାୟାଳୟରେ ଦାଖଲ କରାଯିବ । ଯଦି ଯେତେବେଳେ କୌଣସି ଆବେଦନ ଦାଖଲ କରାଯାଏ, ତା 'ର ଉପଯୁକ୍ତ ବିଚାର କରାଯିବ । ତଦନୁସାରେ ଆଦେଶ ଦିଆଗଲା ।

କେ. କେ. ଟି. ଆବେଦନଟି ବିଚାରଧୀନ ରହିଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***

ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।